# ମନେ ମନେ ସତେ

ମନେ ମନେ ସତେ ଭଲ ପାଇବାର
ଉଷ୍ମତା ଧରି ଉଠେ,
ଉଷ୍ମ ଶୈକତେ ପଥ ଚାଲିବାର
ଭ୍ରାନ୍ତି ମାନସେ ଉଠେ ।
ତୁମ ଓଠ ଧାରେ ଅଳପ ଅଳପ
ହସର ଫୁଆରା ପାଇଁ
ବ୍ୟଥିତ ପରାଣେ ଅନେକ ଯାମିନୀ
ବିତାଇଛି ପ୍ରିୟ ସହୀ ।
ସରମୀ କହିବ ଏକାନ୍ତେ ପ୍ରିୟରେ ହସି
ଅନ୍ତରେ ଫୁଟିବ ମୁଗ୍ଧ ବିରହ ରାଶି
କଇଁଫୁଲ ଆଖି ଖୋଲିଅଛି ପରା
ମଉନେ ବିରହେ ସତେ
ଉଷ୍ମତା ମନେ ଉଠେ... ।
ଚଂପା ତୋଳିଛି ସ୍ୱର୍ଣ୍ଣାଭ ବିତାନ
ରାତ୍ରିର ପଲଙ୍କେ ଶୋଇ
ସତେ କି ପ୍ରେୟସୀ ଗଭୀର ନିଶୀଥେ
ଆସେ ବାସ ଚହଟାଇ ।
ମନ ଚାହେଁ ସତେ ଚଂପକ ଗନ୍ଧେ
ବାସ୍ନାୟିତ ମୁଁ ହେବି
ଦେହ ଚାହେଁ ସତେ ସୁରଭିତ ଗନ୍ଧେ
ରାତ୍ରି ପୁହାଇ ଦେବି ।
କାହିଁ ଚଂପକ ତୋର ମନେ ନ ଜାଗଇ ଈର୍ଷା
ପ୍ରିୟରେ ସଂଖୋଳି ଦୋଳିବାରେ ମଧୁ ଲିପସା ।
ମଧୁଛନ୍ଦା ଯେ ରଙ୍ଗେ ତୋଳଇ
ଗୋଲାପର ଭାଷା ଓଠେ
ଉଷ୍ମତା ଧରି ଓଠେ..... ।